# ଗ୍ରୀଷ୍ମ ପୂର୍ବରୁ ପାନୀୟ ପ୍ରକଳ୍ପ କାର୍ଯ୍ୟ ସାର

## ଜିଲା ପରିଷଦର ସାଧାରଣ ବୈଠକ



ଅନୁଗୋଳ,୨୩।୨ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲା ପରିଷଦର ୫୭ତମ ସାଧାରଣ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭାପତି ବବିତା ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନଙ୍କ ସମେତ ଜିଲା ପରିଷଦର ସଦସ୍ୟା ଓ ସଦସ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଓ ଅଧ୍ୟକ୍ଷ ପ୍ରମୁଖ ଯୋଗ ଦେଇଥିଲେ। ବିଶେଷକରି ଗ୍ରୀଷ୍ମ ପୂର୍ବରୁ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଶେଷ କରିବା, ହାତୀ ଉପଦ୍ରବ ରୋକିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

ପ୍ରଥମେ ଜିଲାପାଳ ମହମ୍ମଦ ଅବଦଲ ଅଖତାର ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରିଥିଲେ। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂହ ପୂର୍ବ ସଭାର ବିବରଣୀ ପାଠ କରିଥିଲେ। ପରେ ପୂର୍ବ ସଭାରେ ନିଆଯାଇଥିବା ନିଷ୍ପତ୍ତିର ଅନୁପାଳନ ଉପରେ ଆଲୋଚନା କରାଯାଇଥିଲା। ଏହାପରେ ଜଳ ସମ୍ପଦ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଶିକ୍ଷା, ବିଦ୍ୟୁତ୍, ଜଙ୍ଗଲ, ଶିଶୁ ଓ ମହିଳା ବିକାଶ, ଗ୍ରାମ୍ୟ ଉନ୍ନୟନ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, କୃଷି, ପ୍ରାଣୀ ସମ୍ପଦ, ଗ୍ରାମ୍ୟ ଗୃହ ନିର୍ମାଣ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ସାଧାରଣ ବଣ୍ଟନ, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ଦୁର୍ଗମ ଅଞ୍ଚଳରେ ଥିବା ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀଙ୍କ ସରକାରୀ ବାସଗୃହ ନ ଥିବାରୁ ସେମାନେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ଅସୁବିଧା ଉପୁଜୁଛି ବୋଲି କେତେଜଣ ସଦସ୍ୟ ଅଭିଯୋଗ କରିଥିଲେ। ଏହାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ କହିଥିଲେ। ଜିଲାର କିଛି ଅଞ୍ଚଳରେ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବା ସଦସ୍ୟମାନେ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାର ସମାଧାନ ପାଇଁ ସମ୍ପୃକ୍ତ ଅଧିକାରୀ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବାରୁ ଉକ୍ରଟ ଜଳ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ସମାପ୍ତ କରିବାକୁ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ଜିଲାରେ ହାତୀ ଉପଦ୍ରବ ଦ୍ୱାରା ହେଉଥିବା କ୍ଷୟକ୍ଷତି ଓ ପ୍ରାଣହାନିକୁ ରୋକିବା ପାଇଁ ଜଙ୍ଗଲ ବିଭାଗର ଅଧିକାରୀଙ୍କୁ ବୈଠକରେ ପରାମର୍ଶ ଦିଆଯାଇଥିଲା। ଶେଷରେ ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପଦ୍ମନାଭ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଅଗସ୍ତି ବେହେରା, ବିଧାୟକମାନଙ୍କ ପ୍ରତିନିଧି, ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅନ୍ଧାରରେ ବିଜୁ ପଟ୍ଟନାୟକ ପାର୍କ

ପାଲଲହଡା,୨୩।୨ (ଦିବ୍ୟଜ୍ୟୋତି ଦାଶ)

ପାଲଲହଡା ସଦର ମହକୁମା ଠାରେ ନିର୍ମାଣ ହୋଇଥିବା ବିଜୁ ପଟ୍ଟନାୟକ ପାର୍କ ଗତ ୩୦ ତାରିଖରେ ଉଦ୍‌ଘାଟିତ ହୋଇଥିଲା ବେଳେ ୩ଦିନ ହେଲା ବିଦ୍ୟୁତ୍ ସେବା ନ ଥିବାରୁ ଏହା ଅନ୍ଧାରରେ ରହୁଛି। ଫଳରେ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏହି ପାର୍କରେ ମୁକ୍ତାକାଶ ଜିମ୍ ସହ ଶିଶୁ ଉଦ୍ୟାନ ଆଦିର ବ୍ୟବସ୍ଥା ରହିଛି। ପାର୍କ ଉଦ୍‌ଘାଟନ ପରଠାରୁ ଶିଶୁଙ୍କ ଠାରୁ ଆରମ୍ଭ କରି ବୟସ୍କମାନେ ସବୁଜିମା ପରିବେଶର ମଜା ନେବା ସାଙ୍ଗକୁ ସନ୍ଧ୍ୟାରେ ରଙ୍ଗିନ ଆଲୋକରେ ପ୍ରାକୃତିକ ପରିବେଶର ମଜା ଉଠାଉଥିବା ଦେଖିବାକୁ ମିଳିଥିଲା। ମାତ୍ର ୩ଦିନ ହେଲା ଯାନ୍ତ୍ରିକ କାରଣରୁ ପାର୍କରେ ବିଦ୍ୟୁତ୍ ସଂଯୋଗ ଅଚଳ ହେଇଯାଇଛି। ଏହି ପାର୍କଟି ପାଲଲହଡା ପଞ୍ଚାୟତ ସମିତି ଅଧୀନରେ ରହିଛି। ଏ ସମ୍ପର୍କରେ ପାଲଲହଡା ବିଡିଓ ଦିଲୀପ କୁମାର ବାରା କହିଛନ୍ତି, ପାର୍କର ଏପରି ଅବସ୍ଥା ସମ୍ପର୍କରେ ତାଙ୍କ ପାଖରେ ଖବର ନାହିଁ। ତେବେ ବିଦ୍ୟୁତ୍ ବିଭାଗ ପାଖରୁ ପାର୍କ ପାଇଁ କୌଣସି ପ୍ରକାର ବୈଧ ସଂଯୋଗ ନିଆଯାଇ ନ ଥିବା ପାଲଲହଡା ଟାଟା ପାୱାର ଏସଡିଓ ସୈଲେଶ କୁମାର ପଟେଲ କହିଛନ୍ତି।

# ୫୨ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ବଇଣ୍ଡା,୨୩।୨ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବାମୁର ପଞ୍ଚାୟତ ସଭାଗୃହ ପରିସରରେ ଗୁରୁବାର ମଧୁବାବୁ ପେନସନ ଯୋଜନାରେ ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ପଞ୍ଚାୟତର ୫୨ ଜଣ ନୂତନ ହିତାଧିକାରୀଙ୍କୁ ଏହି ଭତ୍ତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲା ପରିଷଦ ସଭାପତି ବବିତା ପ୍ରଧାନ ଯୋଗଦେଇ ନୂତନ ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟନ କରିବା ସହିତ ବୃଦ୍ଧାବୃଦ୍ଧଙ୍କୁ ସରକାର ସବୁବେଳେ ଗୁରୁତ୍ୱ ଦେଇଆସୁଛନ୍ତି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ବାମୁର ସରପଞ୍ଚ ସଞ୍ଜୀବ କୁମାର ପ୍ରଧାନ, ଗ୍ରାମ ରୋଜଗାର ସେବକ ଜ୍ୟୋତ୍ସ୍ନାମୟୀ ପ୍ରଧାନ ଯୋଗ ଦେଇଥିଲେ।



ନୂତନ ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟନ କରାଯାଉଛି।

# ଖୁଡ଼ୀଙ୍କୁ ଆକ୍ରମଣ ଅଭିଯୋଗ

ବଇଣ୍ଡା,୨୩।୨ (ପରିକ୍ଷିତ ସାହୁ)

କିଶୋରନଗର ଥାନା ଧଉରାପାଲି ଗ୍ରାମର ଯଶୋଦା ବେହେରାଙ୍କୁ ତାଙ୍କ ପୁତୁରା ମଙ୍ଗୁଳ ବେହେରା ମାଡ଼ ମାରିଥିବା ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୪୧/୨୪ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛ, ଉଭୟଙ୍କ ପରିବାର ମଧ୍ୟରେ ପୂର୍ବରୁ ଗଣ୍ଡଗୋଳ ଲାଗିରହିଥିଲା। ଶୁକ୍ରବାର ଯଶୋଦା ଘରେ ଥିବାବେଳେ ମଙ୍ଗୁଳ ଆସି ତାଙ୍କୁ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଉଲେଖ କରାଯାଇଛି।

# ଦୁର୍ଗମ ଅଞ୍ଚଳରେ ଡାକ ସେବା ଉପରେ ଗୁରୁତ୍ୱ

ଆଠମଲ୍ଲିକ (ଉଦୀପ୍ତ ପୁରୋହିତ)/
ବଇଣ୍ଡା,୨୩।୨ (ପରିକ୍ଷିତ ସାହୁ)

ଆଠମଲ୍ଲିକ ଉପଖଣ୍ଡର ବିଭିନ୍ନ ଦୁର୍ଗମ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ୮ଟି ନୂତନ ଉପ ଡାକଘର ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଆଠମଲ୍ଲିକ ଓ କିଶୋରନଗର ବ୍ଲକର ତରଣ୍ଡା, ବିପ୍ରଡିହ, ଖମ୍ବେଶ୍ୱରୀପାଲି, ମୁଛପୁର, ଗୁଆପଦା, ପଥରଗଡ଼, ରାଜନପାଳ ଓ ହିଜିରିଡା ଆଦି ପାହାଡି ଗ୍ରାମରେ ଲୋକଙ୍କ ସୁବିଧା ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭର୍ଚୁଆଲ ମୋଡରେ ଏହାକୁ ଉଦଘାଟନ କରିଛନ୍ତି। ଆଠମଲ୍ଲିକ ସହରସ୍ଥିତ ଉପ ଡାକଘର ପରିସରରେ ଏହି କାର୍ଯ୍ୟକ୍ରମକୁ ପୋଷ୍ଟମାଷ୍ଟର ଡିଲେଶ୍ୱର ସାହୁ, ରଶ୍ମିଲତା ସାହୁ, ନିର୍ଲିପ୍ତା ପରିଡ଼ା, ଗ୍ରାମୀଣ ପୋଷ୍ଟ ମାଷ୍ଟର ଯଜ୍ଞସିନୀ ସାହୁ, ସଂକେତ କୁମାର ବିଶ୍ୱାଳ ଓ ପୋଷ୍ଟ ଅଫିସର କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ସେହିପରି କିଶୋରନଗର ବ୍ଲକ ବଇଣ୍ଡାସ୍ଥିତ କିଶୋରଗଞ୍ଜ ଡାକକେନ୍ଦ୍ର ଠାରେ ନୂତନ ଶାଖା ଡାକଘର ଉଦ୍‌ଘାଟିତ ହୋଇଯାଇଛି। କିଶୋରଗଞ୍ଜ ଅଧୀନରେ ରାଜନପାଳ, ହିଞ୍ଜିରିଡା ଗ୍ରାମରେ ୨ଟି ଶାଖା ଡାକ ଘର ଉଦ୍‌ଘାଟନ କରାଯାଇଛି। ବଇଣ୍ଡାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସୁବ୍ରତ ଦେହୁରୀ, ଗଣେଶର ବେହେରା, ଗୋଲେଖ ପ୍ରଧାନ, ଅନିରୁଦ୍ଧ ପ୍ରଧାନ, ପପୁ ଖମାରି, ରାମଚନ୍ଦ୍ର ଦେହୁରୀ, କୃଷ୍ଣଚନ୍ଦ୍ର ଦେହୁରୀ, ନୀଳମଣି ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

# ରାମଭକ୍ତଙ୍କୁ ନେଇ ଅନୁଗୋଳରୁ ଗଲା ଆସ୍ଥା ଟ୍ରେନ୍



ଅନୁଗୋଳ,୨୩।୨ (ଅମିତ କୁମାର ସାମଲ)

ଅନୁଗୋଳ ଜିଲାରୁ ୫ଶହରୁ ଊର୍ଦ୍ଧ୍ୱ ରାମଭକ୍ତଙ୍କୁ ନେଇ ଏକ ସ୍ୱତନ୍ତ୍ର ଆସ୍ଥା ଟ୍ରେନ୍ ଶୁକ୍ରବାର ଭୋର ୪ଟାରେ ଅଯୋଧ୍ୟା ଅଭିମୁଖେ ଯାତ୍ରା କରିଛି। ଅନୁଗୋଳ ରେଳ ଷ୍ଟେଶନଠାରେ ରାଜ୍ୟ ଭାଜପା ଉପ ସଭାପତି ଗୋଲଖ ମହାପାତ୍ର ଉପସ୍ଥିତ ରହି ଉକ୍ତ ଟ୍ରେନକୁ ଲାଇଟ ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସମୟରେ ରାମଭକ୍ତମାନଙ୍କ ଜୟ ଶ୍ରୀରାମ ଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହେଉଉଠିଥିଲା। ଏହି କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ଡିଲେଶ୍ୱର ପ୍ରଧାନ, ଏନ୍‌ଏସ୍‌ଆଇସି ଡାଇରେକ୍ଟର କାଳନ୍ଦୀ ସାମଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ପ୍ରତାପ ଚନ୍ଦ୍ର ପ୍ରଧାନ, ଅଗସ୍ତି ବେହେରା ଓ ପ୍ରତିମା ମିଶ୍ର, ଜିଲା ମିଡିଆ ସେଲ୍ ଅଧ୍ୟକ୍ଷ ପର୍ଶୁରାମ ବାରିକଙ୍କ ସମେତ ଜିଲାର ସମସ୍ତ ପଦାଧିକାରୀ ଉପସ୍ଥିତ ଥିଲେ।

# ଚାଷୀଙ୍କ ଉପରେ ପୋଲିସ ଦମନଲୀଳାକୁ ବିରୋଧ

ବଇଣ୍ଡା,୨୩।୨ (ପରିକ୍ଷିତ ସାହୁ)

ଉତ୍ପାଦିତ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଉପରେ ଆଇନ ପ୍ରଣୟନ ସହ ଅନ୍ୟାନ୍ୟ ଦାବି ନେଇ ଦିଲ୍ଲୀ ଅଭିମୁଖେ ଅଗ୍ରସର ହେଉଥିବା ଚାଷୀମାନଙ୍କ ଉପରେ ପୋଲିସ ଚଳାଇଥିବା ଦମନଲୀଳା ଯୋଗୁ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ଏହି ଘଟଣାକୁ ମନେ ପକାଇ ଶୁକ୍ରବାର ଅନୁଗୋଳ ଜିଲା କିଶୋରନଗର କୃଷି ସଙ୍ଗଠନ ପକ୍ଷରୁ କରମଳକଟା ନିକଟରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷକ ସଙ୍ଗଠକ ତୀର୍ଥବାସୀ ଭୋଇ, ଚାଷୀ ନେତା ପୀତାମ୍ବର ପ୍ରଧାନ, ବାବାଜୀ ଚରଣ ପ୍ରଧାନ, ଅନନ୍ତ ଚରଣ ପ୍ରଧାନ, ଗୌରଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଭାଜପା ସରକାରଙ୍କ ଚାଷୀମାରଣ ନୀତିକୁ ସମାଲୋଚନା କରିଥିଲେ। ଚାଷୀ ଉପରେ ହେଉଥିବା ନିର୍ଯାତନା ବନ୍ଦ କରା ନ ଗଲେ ଆଗାମୀ ଦିନରେ ଏକ ବଡ଼ଧରଣର ଆନ୍ଦୋଳନ କରାଯିବ ବୋଲି କୃଷକ ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।



ପ୍ରତିବାଦ ସଭାରେ ଉପସ୍ଥିତ ଚାଷୀ ନେତାଙ୍କ ସହିତ ଅନ୍ୟମାନେ।

# ବୁଥ୍ ମଜଭୁତ କରିବାକୁ ପରାମର୍ଶ



ଭାଜପା କାର୍ଯ୍ୟକର୍ତ୍ତାଙ୍କ ସହ ରାଜ୍ୟ ଉପ ସଭାପତି ଗୋଲଖ ମହାପାତ୍ର।

ତାଳଚେର,୨୩।୨ (ମନୋଜ ନନ୍ଦ)

ତାଳଚେର ନିର୍ବାଚନମଣ୍ଡଳୀର ଗୁରୁଜାଙ୍ଗୁଲି ଗ୍ରାମରେ ୧୯୬ ନମ୍ବର ବୁଥ୍‌ରେ ଭାଜପାର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଭାଜପା ଉପ ସଭାପତି ଗୋଲଖ ମହାପାତ୍ର ଯୋଗଦେଇ ବୁଥ୍‌କୁ ମଜଭୁତ କରିବା ସହ ବୁଥ ବିଜୟ ଉପରେ କାର୍ଯ୍ୟକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେଇଥିଲେ। କେନ୍ଦ୍ର ସରକାରଙ୍କ ଯୋଜନା ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରୟାସରେ ହୋଇଥିବା କାର୍ଯ୍ୟ ସମ୍ପର୍କରେ ଘରେ ଘରେ ସୂଚନା ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ଉକ୍ତ ବୈଠକରେ ବରିଷ୍ଠ ନେତା କାଳନ୍ଦୀ ସାମଲ, ବୁଥ ସଭାପତି ମନୋଜ ଭୁତିଆ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା, ଜିଲା ମିଡିଆ ସେଲ୍ ଅଧ୍ୟକ୍ଷ ପର୍ଶୁରାମ ବାରିକ, ମଣ୍ଡଳ ସଭାପତି ବରୁଣ ସାହୁ, ସରପଞ୍ଚ ସହଦେବ ସାହୁ, ପଞ୍ଚାୟତ ପ୍ରମୁଖ ସୁଶାନ୍ତ କୁମାର ଦାସ, ପ୍ରଦୀପ ସାମଲ, ଟିଁହିଲୁ ବେହେରା, ଦିଲୀପ ସାହୁ, ରମାକାନ୍ତ ବେହେରା, ଶୁଭେନ୍ଦୁ ରଥ, ତପନ ତ୍ରିପାଠୀ, ରବି ବେହେରା, ପଞ୍ଚାନନ ବେହେରା, ସଞ୍ଜୀବ ରଥ, ଆଶୁତୋଷ ବେହେରା, ଅଙ୍କିତ ବେହେରା, ଶ୍ରଦ୍ଧାଞ୍ଜଳି ଦେହୁରୀଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ଭଲିବଲ୍: ବିରୁ ଚାମ୍ପିୟନ

କଣିହାଁ,୨୩।୨ (ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ବିରୁ ଠାରେ ଶୁକ୍ରବାର ନେହେରୁ ଯୁବକେନ୍ଦ୍ର ତରଫରୁ ଏକ ବ୍ଲକସ୍ତରୀୟ ଭଲି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିରୁ ଟିମ ଚାମ୍ପିୟନ ହୋଇଛି। ପୂର୍ବରୁ ବିଭିନ୍ନ ଟିମ୍ ମଧ୍ୟରେ ମ୍ୟାଚ ଖେଳାଯାଇଥିବା ବେଳେ ଶେଷରେ ଫାଇନାଲ ମ୍ୟାଚ ବିରୁ ଓ ବୁଲାଝର ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବୁଲାଝର ଟିମକୁ ହରାଇ ବିରୁ ଟିମ ଚାମ୍ପିୟନ ହୋଇଥିଲା। ନେହେରୁ ଯୁବକେନ୍ଦ୍ର କଣିହାଁ ବ୍ଲକ ସଂଯୋଜକ ରାଜକିଶୋର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଟର୍ନାମେଣ୍ଟ ଆୟୋଜିତ ହୋଇଥିବା ବେଳେ ଅତିଥି ଭାବେ ସରପଞ୍ଚ ଧରଣୀଧର ବେହେରା, ଫାର୍ମାସିଷ୍ଟ ବିରୁପାକ୍ଷ ସେଠୀ, ଜଳଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବିରୁ ଯୁବକ ସଂଘର ସଦସ୍ୟ ସହଯୋଗ କରିଥିଲେ।

# ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

କଣିହାଁ,୨୩।୨ (ସଚ୍ଚିଦାନନ୍ଦ ପ୍ରଧାନ)

ପାଲଲହଡ଼ା ନିର୍ବାଚନମଣ୍ଡଳୀ ଅଧୀନ କଣିହାଁ ବ୍ଲକ କାକୁଡ଼ିଆ ପଞ୍ଚାୟତ ସ୍ତରୀୟ ବିଜେଡିର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ବିଜେଡି ସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ବିଧାୟକ ମୁକେଶ କୁମାର ପାଲ, ସମ୍ମାନିତ ଅତିଥି ଭାବେ ଆମ ଓଡ଼ିଶା ନବୀନ ଓଡ଼ିଶା ଜିଲା ସଂଯୋଜକ ତଥା ବ୍ଲକ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁ, ଜୋନ୍‌ସ୍ତରୀୟ ପର୍ଯ୍ୟବେକ୍ଷକ ସୁବାସ ମହାନ୍ତି, ଜିଲା ବିଜେଡି ଉପସଭାପତି ବାବୁଲା ପ୍ରଧାନ, ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ମହେଶ୍ୱର ସାମଲ, ଡେରଙ୍ଗ ପଞ୍ଚାୟତ ସଭାପତି ପୁରୁଷୋତ୍ତମ ସାହୁ, ପଞ୍ଚାୟତ ପର୍ଯ୍ୟବେକ୍ଷକ ସୁଶାନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ବିଜେଡି ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ପଞ୍ଚାୟତର ପ୍ରତ୍ୟେକ ୱାର୍ଡରେ ଥିବା ଘରକୁ ଘର ବୁଲି ଜନସାଧାରଣଙ୍କ ସମସ୍ୟାରେ ସାମିଲ ହୋଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନ କରିବା ସହିତ ଘର କାନ୍ଥରେ ଶଙ୍ଖ ଷ୍ଟିକର ମାରିଥିଲେ। ଏଥିରେ ପଞ୍ଚାୟତର ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ଅନ୍ୟ ନେତୃବୃନ୍ଦ।

# ନୂତନ ଭୋଟରଙ୍କୁ କରାଗଲା ସଚେତନ

ଅନୁଗୋଳ,୨୩।୨ (ଅମିତ କୁମାର ସାମଲ)

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନ ନେହେରୁ ଯୁବକେନ୍ଦ୍ର ଅନୁଗୋଳ ତରଫରୁ ନାଲ୍‌କୋନଗର ଆଞ୍ଚଳିକ ମହାବିଦ୍ୟାଳୟ ଏବଂ ଯଦୁନାଥ ସଂସ୍କୃତ ମହାବିଦ୍ୟାଳୟଠାରେ ଭୋଟର ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୂତନ ଭୋଟରମାନେ କିପରି ସେମାନଙ୍କ ମତଦାନ କରିପାରିବେ ସେ ବିଷୟରେ ନେହେରୁ ଯୁବକେନ୍ଦ୍ରର ଅଫିସର ତପନ କୁମାର ସାମଲ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ନୂତନ ଛାତ୍ରୀଛାତ୍ରମାନେ ସେମାନଙ୍କ ଭୋଟର କାର୍ଡ କିପରି ପ୍ରସ୍ତୁତ କରି ଆଗକୁ ଥିବା ନିର୍ବାଚନରେ ମତଦାନ କରିବେ, ଏଥିପାଇଁ ଆବେଦନ, ତ୍ରୁଟି ସଂଶୋଧନ କରିପାରିବେ ସେ ବିଷୟରେ ସେମାନଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନାଲ୍‌କୋନଗର ଆଞ୍ଚଳିକ ମହାବିଦ୍ୟାଳୟର ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଯୋଗ ଦେଇଥିବା ବେଳେ ଯଦୁନାଥ ସଂସ୍କୃତ ମହାବିଦ୍ୟାଳୟର ୧୨୦ରୁ ଅଧିକ ଛାତ୍ରୀଛାତ୍ର ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଉଭୟ ମହାବିଦ୍ୟାଳୟର ଅଧ୍ୟକ୍ଷ ଛାତ୍ରୀଛାତ୍ରଙ୍କୁ ଭୋଟର ସଚେତନତାର ଶପଥ ପାଠ କରାଇଥିଲେ। ବ୍ଲକ ସଂଯୋଜକ ସୁଶାନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଯୁବ ଭୋଟରମାନେ।

# ମାର୍ଚ୍ଚ ୧୫ରୁ କୋଇଲା ଚାଲାଣ ବନ୍ଦ ଚେତାବନୀ

ତାଳଚେର,୨୩।୨ (ମନୋଜ ନନ୍ଦ)

୯ ଦଫା ଦାବି ନେଇ ତାଳଚେର ରେଳ ୟୁଜର୍ସ କମିଟି ପକ୍ଷରୁ ଆସନ୍ତା ମାର୍ଚ୍ଚ ୧୫ରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଟ୍ରେନ ଯୋଗେ କୋଇଲା ଚାଲାଣ ବନ୍ଦ କରାଯିବ। ଏ ନେଇ କମିଟି ପକ୍ଷରୁ ଶୁକ୍ରବାର କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଏଆର୍‌ଏମ୍‌ଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ରରେ ଦର୍ଶାଯାଇଛି, ୧୯୨୭ ମସିହାରେ ସ୍ଥାପିତ ତାଳଚେର ରେଳ ଷ୍ଟେଶନ ଭାରତୀୟ ରେଳୱେର ସବୁଠାରୁ ପୁରୁଣା ଷ୍ଟେସନ। ବର୍ତ୍ତମାନ ଏହା ଦୈନିକ ହାରାହାରି ୩୦ କୋଟି ଟଙ୍କାରୁ ଅଧିକ ଆୟ ରେଳୱେକୁ ଦେଇ ସବୁଠାରୁ ଅଧିକ ଆୟକାରୀ ଷ୍ଟେଶନର ମାନ୍ୟତା ପାଇଛି। କିନ୍ତୁ ତାଳଚେର ମଧ୍ୟ ଦେଇ ଯାଉଥିବା ଯାତ୍ରୀବାହୀ ଟ୍ରେନଗୁଡିକ ତାଳଚେର ଷ୍ଟେଶନକୁ ନ ଆସିବା ଦ୍ୱାରା ତାଳଚେରବାସୀ ଟ୍ରେନ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ବାରମ୍ବାର ଦାବିପତ୍ର ଦିଆଯାଇଥିଲେ ହେଁ କର୍ତ୍ତୃପକ୍ଷ କୌଣସ ପଦକ୍ଷେପ ନେଉ ନ ଥିବାରୁ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯାଇଛି। ତାଳଚେର ରେଳ ଷ୍ଟେଶନକୁ ଇଣ୍ଟରସିଟି ସମେତ ସମସ୍ତ ଯାତ୍ରୀବାହୀ ଟ୍ରେନ ଆସିବା, ତାଳଚେର-ଅନୁଗୋଳ ଷ୍ଟେଶନ ମଧ୍ୟରେ ଏକ ଲୁପ ଲାଇନ ତିଆରି କରିବା, ଯାତ୍ରୀମାନଙ୍କ ପାଇଁ ସମସ୍ତ ଆନୁଷଙ୍ଗିକ ସୁବିଧା କରିବା, ରେଲୱେ କ୍ରସିଂଗୁଡିକରେ ଓଭରବ୍ରିଜ ନିର୍ମାଣ, ପୁରୀ- ତାଳଚେର ପାସେଞ୍ଜର ଟ୍ରେନକୁ କଣିହାଁ ପର୍ଯ୍ୟନ୍ତ ସମ୍ପ୍ରସାରଣ, ପୁରୀ-ଅନୁଗୋଳ ମେମୁ ଟ୍ରେନ ଏବଂ ତାଳଚେର-ପୁରୀ ପାସେଞ୍ଜର ଠିକ୍ ସମୟରେ ଚଳାଚଳ କରିବା, ପାସେଞ୍ଜର ଟ୍ରାକ୍‌ରେ ମାଲବାହୀ ଟ୍ରେନ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରଖିବା, ତାଳଚେର ରେଳ ଷ୍ଟେଶନକୁ ଅମୃତ ଷ୍ଟେଶନରେ ଅନ୍ତର୍ଭୁକ୍ତ କରାଯିବା ଆଦି ଉଲ୍ଲେକ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ କମିଟି ସଭାପତି ସଂଗ୍ରାମ କେଶରୀ କୁଅଁର, କେଶବ ଭୂତିଆ, କରୁଣାକର ସାହୁ, ବିଭୂତି ସାହୁ, ଅଭୟ ପାଣି, ନଖିଆ ସାହୁ, ଚୈତନ୍ୟ ପ୍ରଧାନ, ବିନୋଦ ଲାଲ, ପ୍ରଦୀପ ଶତପଥୀ, ବୀରେନ୍ଦ୍ର ଖଣ୍ଡୁଆଳ, ହରେକୃଷ୍ଣ ମହାପାତ୍ର, ପଦ୍ମନାଭ ସାହୁ, ଅନ୍ତର୍ଯ୍ୟାମୀ ପ୍ରଧାନ, ପ୍ରଫୁଲ୍ଲ ନାଏକ, ବିଜୟ ମିଶ୍ର, ସୌମ୍ୟ ସଞ୍ଜୀବ ମିଶ୍ର, ଉତ୍କଳ ସିଂ, ସଞ୍ଜୀବ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।



ତାଳଚେର ରେଳ ୟୁଜର୍ସ କମିଟି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

**ତୁଷାରକାନ୍ତି ନାୟକ ଜିଲା କଂଗ୍ରେସର ମୁଖପାତ୍ର**

ଢେଙ୍କାନାଳ,(ରତନ ନାୟାର): ଢେଙ୍କାନାଳ ଜିଲା କଂଗ୍ରେସର ଗଣମାଧମକୁ ସୁଦୃଢ଼ ତଥା କ୍ରୀୟାଶୀଳ କରିବା ପାଇଁ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଅନୁରୋଧ କ୍ରମେ ପିସିସି ଗଣମାଧମ ଓ ଯୋଗାଯୋଗ ବିଭାଗର ଅଧକ୍ଷ ଡ. ବିଶ୍ୱରଞ୍ଜନ ମହାନ୍ତି, ଢେଙ୍କାନାଳ ଜିଲାର ନୂତନ ଅଧକ୍ଷ ଭାବେ ଡା. ତୁଷାରକାନ୍ତି ନାୟକଙ୍କୁ ନିଯୁକ୍ତି ଦେଇଛନ୍ତି। ଏ ସମ୍ପର୍କରେ ଶୁକ୍ରବାର ଜିଲା କଂଗ୍ରେସ ସଭାପତି ସୁନୀଲ କୁମାର ଦାଶ ସୂଚନା ପ୍ରଦାନ କରିଛନ୍ତି।

# ଭୀମ ଭୋଇଙ୍କ ବାର୍ତ୍ତା ଆମ ପାଇଁ ପ୍ରେରଣା

## ଯୋରନ୍ଦା ପ୍ରସିଦ୍ଧ ମାଘ ମେଳାରେ ସାମିଲ ହେଲେ କେନ୍ଦ୍ରମନ୍ତ୍ରୀ

ଢେଙ୍କାନାଳ,୨୩।୨(ରତନ ନାୟାର)

ଯୋରନ୍ଦା ମେଳା ଶୂନ୍ୟ ବ୍ରହ୍ମଙ୍କ ପାଖରେ ସମର୍ପିତ ହେବାର ଏକ ମହାନ ଅବସର। ବିଶ୍ୱ ପ୍ରସିଦ୍ଧ ଢେଙ୍କାନାଳ ମହିମାଗାଦି ଯୋରନ୍ଦା ମାଘ ମେଳାର ଦ୍ୱିତୀୟ ଦିବସରେ ସାମିଲ ହୋଇ ଶୁକ୍ରବାର କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ମତବକ୍ତ କରିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଦୀପ ପ୍ରଜ୍ୱଳନ କରି ମହିମା ଗୋସାଇଁଙ୍କ କରୁଣା ଓ ପୂଜ୍ୟ ସାଧୁସନ୍ଥଙ୍କ ଆଶୀର୍ବାଦ ନେଇଥିଲେ। କେନ୍ଦ୍ରମନ୍ତ୍ରୀ କହିଲେ, ପବିତ୍ର ମାଘ ମାସରେ ଶୂନ୍ୟବାଦର ପୂଣ୍ୟପୀଠ ଶୂନ୍ୟବ୍ରହ୍ମଙ୍କ ଉପାସନାର ପବିତ୍ର ଭୂମି ଯୋରନ୍ଦା ବିଶ୍ୱ ପ୍ରସିଦ୍ଧ ମାଘ ମେଳାରେ ସାମିଲ ହେବା ସୌଭାଗ୍ୟର କଥା।



ମହିମାଗାଦି ଯୋରନ୍ଦା ପୀଠରେ କେନ୍ଦ୍ରମନ୍ତ୍ରୀ ଆହୁତି ପ୍ରଦାନ କରୁଛନ୍ତି।

ଏହା ବିଶ୍ୱ କଲ୍ୟାଣ ପାଇଁ ପୂଜ୍ୟ ମହିମା ସାଧୁମାନଙ୍କ ଏକତା ସମୂହ ପ୍ରାର୍ଥନାର ମେଳା। ମହିମା ଧର୍ମର ପ୍ରାଣ ପ୍ରତିଷ୍ଠାତା ମହିମା ଗୋସାଇଁଙ୍କ ଦୁର୍ମୂଲ୍ୟ ବାର୍ତ୍ତା ସର୍ବ ସମାଜର ବିକାଶରେ ବିଶେଷକରି ବଞ୍ଚିତ ବର୍ଗର କଲ୍ୟାଣ କରିବା ପାଇଁ ମାନବ ସମାଜକୁ ପ୍ରେରିତ କରିଛି। ସନ୍ଥକବି ଭୀମ ଭୋଇଙ୍କ ମାର୍ମିକ ଜଗତ କଲ୍ୟାଣ ବାର୍ତ୍ତା ଆମ ସମସ୍ତଙ୍କ ପାଇଁ ପ୍ରେରଣା। ନିଜକୁ ବଳିଦାନ ଦେଇ ବିଶ୍ୱ କଲ୍ୟାଣ ଦିଗରେ ଆଗଭର ହେବା ପାଇଁ ମହିମା ସମାଜ ଦେଉଥିବା ବାର୍ତ୍ତା ଓ ବିଚାର ଅନନ୍ୟ। ଆଜିର ଦିନରେ ଶୂନ୍ୟ ଭଗବାନଙ୍କ ପାଖରେ ସମାଜର ସୁଖଶାନ୍ତି ଓ ସାମାଜିକ ସୌଭାଗ୍ୟ ପ୍ରତିଷ୍ଠା ହେବା ନେଇ କେନ୍ଦ୍ରମନ୍ତ୍ରୀ ପ୍ରଧାନ କାମନା କରିଥିଲେ। ଯୋରନ୍ଦା ମେଳା ପରିଦର୍ଶନ ସମୟରେ ବରିଷ୍ଠ ଭାଜପା ନେତା ରୁଦ୍ର ନାରାୟଣ ପାଣି, ଭାଜପା ରାଜ୍ୟ ଉପସଭାପତି ଗୋଲଖ ମହାପାତ୍ର, ଜିଲା ସଭାପତି ନରେଶଚନ୍ଦ୍ର ମହାପାତ୍ର, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଭୂତି ପ୍ରଧାନ, ଶତ୍ରୁଘ୍ନ ଜେନା, ରାମଚନ୍ଦ୍ର ପାତ୍ର, ସୁନୀଲ ଶର୍ମା, ନବକିଶୋର ଗୁରୁ, ସନାତନ ବେହେରାଙ୍କ ସମେତ ବହୁ ନେତୃବୃନ୍ଦ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ।

# ଯୋରନ୍ଦା ମେଳାରେ ବିଦେଶୀ ପର୍ଯ୍ୟଟକ

ଢେଙ୍କାନାଳ,୨୩।୨(ରତନ ନାୟାର)

ବିଶ୍ୱ ପ୍ରସିଦ୍ଧ ମହିମା ଧର୍ମର ପୀଠ ଢେଙ୍କାନାଳ ମହିମାଗାଦି ଯୋରନ୍ଦାଠାରେ ପ୍ରସିଦ୍ଧ ମାଘ ମେଳାର ଦ୍ୱିତୀୟ ଦିବସ ସନ୍ଧ୍ୟା ସାଢେ ୫ଟାରେ ଗାଦି ମନ୍ଦିର ଚତୁଦ୍ୱାରରେ ଖାଡ଼ଦୀପ ପ୍ରଜ୍ୱଳିତ ହୋଇଥିଲା। ବିଶ୍ୱ କଲ୍ୟାଣ ପାଇଁ ମହିମା ସାଧୁ ସନ୍ୟାସୀମାନେ ଘୃତାହୁତି କରି ଶୂନ୍ୟପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଚଳିତବର୍ଷ ମଧ ଇଟାଲିରୁ ପ୍ରାୟ ୩୦ ଜଣ ବିଦେଶୀ ପର୍ଯ୍ୟଟକ ମହିମାଗାଦି ଯୋରନ୍ଦା ଆସି ମାଘ ମେଳା ବୁଲି ଦେଖିଥିଲେ। ମହିମା ଧର୍ମର ସଂସ୍କୃତି, ପରମ୍ପରା ଓ ମାଘ ମେଳାକୁ ଦେଖି ଖୁସିବ୍ୟକ୍ତ କରିଥିଲେ। ଦ୍ୱିତୀୟ ଦିବସରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।



ଯୋରନ୍ଦା ମେଳାରେ ବିଦେଶୀ ପର୍ଯ୍ୟଟକମାନେ ବୁଲୁଛନ୍ତି।

# ଲାଭାର୍ଥୀ ସମ୍ପର୍କ ଅଭିଯାନରେ ସାମିଲ ହେଲେ କେନ୍ଦ୍ରମନ୍ତ୍ରୀ

ଢେଙ୍କାନାଳ,୨୩।୨(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ କାଇମାଟିଠାରେ ଭାଜପାର ଲାଭାର୍ଥୀ ସମ୍ପର୍କ ଅଭିଯାନରେ ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମିଲ ହୋଇଥିଲେ। ରଷ୍ଟ୍ରୀୟସ୍ତରରେ ଭାଜପା ପକ୍ଷରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ କେନ୍ଦ୍ରମନ୍ତ୍ରୀ ସ୍ଥାନୀୟ ଅଞ୍ଚଳର ମୋଦି ସରକାରଙ୍କ କଲ୍ୟାଣକାରୀ ଯୋଜନାର ଲାଭାର୍ଥୀ ମା, ଭଉଣୀମାନଙ୍କ ଭେଟିବା ସହିତ ଆଲୋଚନା କରିଥିଲେ। ଘରଘର ବୁଲି ମୋଦିଜୀଙ୍କ ଷ୍ଟିକର ଓ ଲିଫଲେଟ ବାଣ୍ଟିଥିଲେ। ଏ ସମ୍ପର୍କରେ ଏକ୍ସରେ କେନ୍ଦ୍ରମନ୍ତ୍ରୀ ଉଲ୍ଲେଖ କରିଛନ୍ତି, ସମାଜର ଅନ୍ତିମ ଶ୍ରେଣୀରେ ଥିବା ଲୋକଙ୍କ ସହିତ ସବୁବର୍ଗ ପାଖରେ ସମସ୍ତଙ୍କ ମୌଳିକ ସୁବିଧା ସହ ଅତ୍ୟାବଶ୍ୟକ ସେବା ପହଞ୍ଚାଇବା ଆଜି ମୋଦି ଗ୍ୟାରେଣ୍ଟି ହୋଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର, ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ, ଜଳ ଜୀବନ ମିଶନରେ ପ୍ରତି ଘରକୁ ପାଇପ ଯୋଗେ ବିଶୁଦ୍ଧ ପାଣି, ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମାଗଣା ଚାଉଳ, ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ୍, ଜନଧନରେ ଟଙ୍କା, ଲକ୍ଷପତି ଦିଦି ଭଳି ଅନେକ ଯୋଜନା ଆମର ଲାଭାର୍ଥୀ ଭଉଣୀ ଭାଇଙ୍କୁ ସଶକ୍ତ କରିବା ସହ ଆତ୍ମନିର୍ଭର କରୁଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ଉପରେ ଜନତାଙ୍କ ଭରସା ଅତୁଟ ରହିଛି ବୋଲି କେନ୍ଦ୍ରମନ୍ତ୍ରୀ ପ୍ରକାଶ କରିଥିଲେ। ଏହି ଗସ୍ତ କାଳରେ କେନ୍ଦ୍ରମନ୍ତ୍ରୀଙ୍କୁ ବିଭିନ୍ନ ସ୍ଥାନରେ ଜନସାଧାରଣ ଓ କାର୍ଯ୍ୟକର୍ତ୍ତାମାନେ ସ୍ୱାଗତ ଜଣାଇଥିଲେ।

# ଭୁବନରେ ଇନ୍‌ଡୋର ଷ୍ଟାଡିୟମ ଉଦ୍‌ଘାଟିତ




ଇନ୍‌ଡୋର ଷ୍ଟାଡିୟମ ଉଦ୍‌ଘାଟନ ଅବସରରେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ସମେତ ଅନ୍ୟମାନେ।

ଭୁବନ,୨୩।୨(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବୁଦ୍ଧେଶ୍ୱର ଶୈବପୀଠ ନିକଟରେ ନିର୍ମାଣ ହୋଇଥିବା ଇନ୍‌ଡୋର ଷ୍ଟାଡିୟମ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସି ଦ୍ୱାରା ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ଯୁବପିଢିଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ କ୍ରୀଡାକୁ ବିକଶିତ କରିବାରେ ଏହି ଇନ୍‌ଡୋର ଷ୍ଟାଡିୟମ୍ ସହାୟକ ହେବ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଏସି ନଗରପାଳ ଶୁଭେନ୍ଦୁ କୁମାର ସାହୁ, ବ୍ଲକ ଅଧକ୍ଷା ସିପ୍ରା ବରାଳ, ବିଡିଓ କଲ୍ୟାଣ ସୌରଭ ଦାସ, ଏନ୍‌ଏସି ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ବେହେରା, ଜିଲା କ୍ରୀଡା ଅଧିକାରୀ ପ୍ରଦୀପ ମହାନ୍ତି, କାମାକ୍ଷାନଗର ପୂର୍ତ୍ତବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ସେଠୀ ଓ ଭୁବନ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଇନ୍‌ଡୋର ଷ୍ଟାଡିୟମ ପୂର୍ତ୍ତ ବିଭାଗ ଜରିଆରେ ୫ କୋଟି ୪୪ ଲକ୍ଷ ୯୩ ହଜାର ଟଙ୍କା ବ୍ୟୟ ବରାଦରେ ନିର୍ମିତ ହୋଇଛି।

# ଏସ୍‌ପିଙ୍କ ନିକଟରେ ଅଭିଯୋଗ କଲେ ଅଧକ୍ଷ

ଢେଙ୍କାନାଳ,୨୩।୨(ରତନ ନାୟାର)

ଢେଙ୍କାନାଳ ପୌରାଞ୍ଚଳର ବନମାଳୀ ପ୍ରସାଦ ଓ ମଙ୍ଗଳପୁର ମଧରେ ରାସ୍ତା କଡରେ ପ୍ରସ୍ତାବିତ ଢେଙ୍କାନାଳ ସାନ୍ଧ୍ୟ ଉଚ୍ଚ ମାଧମିକ ବିଦ୍ୟାଳୟର ୧.୫୦ ଡେସିମିଲ ଜାଗାରେ ନୂତନ ଗୃହ ନିର୍ମାଣ ହେବା ପାଇଁ ହୋଇଥିବା ଭିତ୍ତିପ୍ରସ୍ତର ଫଳକକୁ କେତେଜଣ ବ୍ୟକ୍ତି ସମ୍ପୂର୍ଣ୍ଣ ଭାଙ୍ଗି ଦେଇଛନ୍ତି। ଏହାକୁ ନେଇ ସାନ୍ଧ୍ୟ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ମାନଗୋବିନ୍ଦ ଗୋଛିଙ୍କ ସମେତ ଅଧାପକ ଓ କର୍ମଚାରୀମାନେ ଶୁକ୍ରବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଲିଖିତ ଭାବରେ ଜଣାଇଛନ୍ତି। ଏଥିସହିତ ଟାଉନ ଥାନାରେ ମଧ ଘଟଣାକୁ ନେଇ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ଟାଉନ ଥାନା ଅଧିକାରୀ ପ୍ରଭାତ ସାହୁ କହିଛନ୍ତି, ଅଭିଯୋଗ ହୋଇଛି। ଏସ୍‌ପିଙ୍କ ସହିତ ଆଲୋଚନା କରି ଏ ସଂକ୍ରାନ୍ତରେ ପଦକ୍ଷେପ ନିଆଯିବ।

# ଚା’ ଖଟିରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

ପରଜଙ୍ଗ,୨୩।୨(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କୁଆଲୋ ପଞ୍ଚାୟତ ପରମହଂସପୁର ଛକରେ ଥିବା ଏକ ଚା’ ଦୋକାନରେ ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କିଛି ସମୟ କଟାଇଛନ୍ତି। କେନ୍ଦ୍ରମନ୍ତ୍ରୀ ପ୍ରଧାନ ଢେଙ୍କାନାଳରୁ ସରକାରୀ କାର୍ଯ୍ୟକ୍ରମ ସାରି ଦେବଗଡ଼ ଅଭିମୁଖେ ଯାଉଥିବାବେଳେ ପରମହଂସପୁର ଠାରେ ଦଳୀୟ କର୍ମକର୍ତ୍ତାଙ୍କ ସହ କିଛି ସମୟ ବିତାଇଥିଲେ। ତାଙ୍କ ସହିତ ବରିଷ୍ଠ ଭାଜପା ନେତା ରୁଦ୍ରନାରାୟଣ ପାଣି ଉପସ୍ଥିତ ଥିଲେ। ପରଜଙ୍ଗ ବ୍ଲକ ଭାଜପା ସଭାପତି ସନ୍ତୋଷ ସାହୁ, ପୂର୍ବତନ ଜିଲାପରିଷଦ ସଭ୍ୟ ଶରତ ସାହୁ, କୁଆଲୋ ଗ୍ରାମ ଭାଜପା ସଭାପତି ଅଜୟ ବିଶ୍ୱାଳ, କୁଆଲୋ ସରପଞ୍ଚ ଅଜିତ୍ କୁମାର ସାହୁ, ପୂର୍ବତନ ସରପଞ୍ଚ ଅନିଲ କୁମାର ଭୂତିଆଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ରହି ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସେଠାରେ କେନ୍ଦ୍ରମନ୍ତ୍ରୀ ଚା’ ପିଇ ପାଖାପାଖି ୨୦ ମିନିଟ୍ ସମୟ ଅତିବାହିତ କରି ଚାଲି ଯାଇଥିଲେ।



# ସୁନା ହଡପ ମାମଲା, ୨ ଗିରଫ

ଢେଙ୍କାନାଳ,୨୩।୨(ରତନ ନାୟାର)

ଢେଙ୍କାନାଳ ସହର କାଲଟାକ୍ସଠାରେ ଥିବା ଏକ ସୁନାରଣ ପ୍ରଦାନକାରୀ ସଂସ୍ଥାର ୨ଜଣ କର୍ମଚାରୀଙ୍କୁ ଟାଉନ ଥାନା ପୋଲିସ ଗିରଫ କରିଛି। ସେମାନେ ସଂସ୍ଥାରୁ କିଛି ସୁନା ଲୁଚାଇ ଆଣି ଜମାଦେଇ ଲୋନ ନେଇଥିବା ଅଭିଷେକ ତ୍ରିପାଠୀଙ୍କୁ ଦେଇଦେଇଥିବା ଅଭିଯୋଗ ହୋଇଥିଲା। ଗିରଫ ୨ କର୍ମଚାରୀ ହେଲେ ସମୀର କୁମାର ସାହୁ ଓ ପ୍ରଣବ କୁମାର ସାହୁ। ସୂଚନା ଅନୁଯାୟୀ, ମହିଷାପାଟ ଅଞ୍ଚଳର ଅଭିଷେକ ଉକ୍ତ ସଂସ୍ଥାରୁ ରଣ ନେବା ପାଇଁ ୩୯୩ ଗ୍ରାମ ସୁନା ପ୍ରଦାନ କରିଥିଲେ। ହେଲେ ରଣ ଶୁଝି ନ ପାରିବାରୁ ସୁଧ ବଢ଼ିବାରେ ଲାଗିଥିଲା। ଏହାଦେଖି କର୍ମଚାରୀ ସମୀର ଓ ପ୍ରଣବ ସଂସ୍ଥାରେ ବନ୍ଧାଥିବା ସୁନାରୁ କିଛିଗ୍ରାମ ଲୁଚାଇ ଆଣି ଅଭିଷେକଙ୍କୁ ଫେରାଇ ଦେଇଥିଲେ। ଏହି ଘଟଣା ଜଣାପଡିବା ପରେ ସଂସ୍ଥା ପକ୍ଷରୁ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ. ୧୪୦।୨୪ରେ ମାମଲା ରୁଜୁ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଟାଉନ ଥାନା ସୂତ୍ରରୁ ଜଣାପଡିଛି।

# ନାଟକ କହିଲା ଜଗନ୍ନାଥ ସଂସ୍କୃତି କଥା

ଭୁବନ,୨୩।୨(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ମୀରାବାଇ କଳାବିକାଶ ପକ୍ଷରୁ ବୁଧବାର ରଙ୍ଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଦେଶର ବିଭିନ୍ନ ଧର୍ମକୁ ନେଇ ଗଠିତ ସାର୍ବଭୌମ ଚେତନା ଜାଗ୍ରତ ଉଦ୍ଦେଶ୍ୟରେ ସରକାରଙ୍କ ଦ୍ୱାରା ଜନ ଭାରତ ରଙ୍ଗ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସ୍ଥାନୀୟ କଳାକାରଙ୍କୁ ନେଇ ବସୁଦେବଂ କୁଟୁମ୍ବ କମ୍ ଅତଏବ ଆମେ ସମସ୍ତେ ଏକ ମନ ଏକ ସ୍ୱରର ବାର୍ତ୍ତା ପ୍ରଦାନ କରିବା ସମ୍ପର୍କରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କ୍ରମରେ ଭାରତୀୟ ନାଟ୍ୟ ସଂସ୍ଥା ଦ୍ୱାରା ଅନୁମୋଦିତ ମୀରାବାଇ କଳାବିକାଶ କେନ୍ଦ୍ର ଅଧକ୍ଷ ଭଗବାନ ଗୁରୁଙ୍କ ତତ୍ତ୍ୱାବଧାନରେ ଏକ ନାଟକ ମଞ୍ଚସ୍ଥ କରାଯାଇଥିଲା। ଯାହାକି ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। ବିଶେଷ କରି ଜଗନ୍ନାଥ ସଂସ୍କୃତି ଉପରେ ଆଧାରିତ ପରିବେଷିତ ଏହି ନାଟକରେ ୧୫ ଜଣରୁ ଊର୍ଦ୍ଧ୍ୱ କଳାକାର ନିଜର କଳା ନିପୁଣତା ପ୍ରଦର୍ଶନ କରିଥିଲେ। ଭୁବନ ଓ ଆଖପାଖ ଅଞ୍ଚଳର କଳାକାର ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।




ମୀରାବାଇ କଳାବିକାଶ ପକ୍ଷରୁ ନାଟକ ପରିବେଷଣ କରାଯାଉଛି।

# ହରିନାମରେ କମ୍ପିଲା ରେଙ୍କୁଳା ଗ୍ରାମ

କାମାକ୍ଷାନଗର,୨୩।୨(ସୁଧୀର ପରିଡ଼ା)

କାମାକ୍ଷାନଗର ରେଙ୍କୁଳା ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୨୫ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ୩ ଦିନ ଧରି ଗ୍ରାମରେ ଆଧାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା। କାମାକ୍ଷାନଗର ଏସ୍‌ଡିପିଓ ପ୍ରଭାତ କୁମାର ତ୍ରିପାଠୀ, ଥାନା ଅଧିକାରୀ ଧୀରେନ କୁମାର ବେହେରା, ନଗରପାଳ ଧର୍ମାନନ୍ଦ ପରିଡା ପ୍ରମୁଖ ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ସହ ସାମିଲ ହୋଇ ବୀଭୁକୃପା ଲାଭ କରିଥିଲେ। ସତ୍ୟାନନ୍ଦ ସାହୁ, ହଟକିଶୋର ବେହେରା, ବାଳକୃଷ୍ଣ ବେହେରା, ରାସବିହାରୀ ପାତ୍ର, ଅଜିତ୍ ପାତ୍ର, ବ୍ରହ୍ମାନନ୍ଦ ବେହେରା, ନିମେଇ ଚରଣ ବେହେରା, ଗୋଲେଖ ବେହେରା, ସର୍ବେଶ୍ୱର ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ଗ୍ରାମବାସୀ ସହଯୋଗ କରିଥିଲେ। ଶେଷରେ ସାମୂହିକ ପ୍ରସାଦ ସେବନ କରିଥିଲେ।

# ଆଶ୍ରମ ନବନିର୍ମିତ ଗୃହ ଲୋକାର୍ପିତ

ପରଜଙ୍ଗ,୨୩।୨(ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ବ୍ଲକ ମାଣିକମରା ପଞ୍ଚାୟତ କାଦପଡ଼ାଠାରେ ଦ୍ୱିତୀୟ କପିଳାସ ପଥରଗଡ଼ ଆଶ୍ରମରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଛି। ଗତ ବୁଧବାର କଳସରେ ପାଣି ଅଣାଯାଇ ଯଜ୍ଞସ୍ଥଳରେ ସ୍ଥାପନ କରାଯାଇଥିଲା। ଗୁରୁବାର ଆଶ୍ରମରେ ନବ ନିର୍ମିତ ଗୃହ ଲୋକାର୍ପିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ପରଜଙ୍ଗ ବିଧାୟକ ଡା. ନୃସିଂହଚରଣ ସାହୁ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଜିଲାପରିଷଦ ସଦସ୍ୟା ରୁନୁବାଳା ବର୍ମା, ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସନ୍ତୋଷ ପ୍ରଧାନ, ରାଜ୍ୟ ଖାଦ୍ୟ ଆୟୋଗ ଅଧକ୍ଷ ଅବନୀକାନ୍ତ ସାହୁ, ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ଅକ୍ଷୟ ବେହେରା, ବସୁଲେଇ ସରପଞ୍ଚ ଅଶାନ୍ତି ରାଉତ, ମାଣିକମରା ସରପଞ୍ଚ ନର୍ମଦା ନାଏକ, ପଥରଗଡ଼ ଆଶ୍ରମ ପରିଚାଳନା ସଦସ୍ୟ ବାଉରୀବନ୍ଧୁ ରାଉତ, ପ୍ରଦୀପ ସାହୁ ଉପସ୍ଥିତ ଥିଲେ। ଏଥିସହିତ ୨ କୋଟି ଟଙ୍କାର ପାରିପାର୍ଶ୍ୱିକ ଉନ୍ନତୀକରଣ ଯଥା ପାର୍କ, ପୋଖରୀ, ବୋଟିଂର ସୁବିଧା ପାଇଁ ଏକ ଯୋଜନା ସରକାରଙ୍କ ପାଖକୁ ପଠାଯିବା ପାଇଁ ସ୍ଥିରିକୃତ ହୋଇଥିଲା।



# ଏନ୍‌ଏସି ପକ୍ଷରୁ ଭତ୍ତା ବଣ୍ଟନ

ଭୁବନ,୨୩।୨(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ସଭା ଗୃହରେ ଶୁକ୍ରବାର ୧୫ଟି ୱାର୍ଡର ୧୩୫ ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ଏହି ଅବସରରେ ପ୍ରତ୍ୟେକ ୱାର୍ଡର ନୂତନ ହିତାଧିକାରୀ ଯଥା ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ହିତାଧିକାରୀ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବେ ଏନ୍‌ଏସି ନଗରପାଳ ଶୁଭେନ୍ଦୁ କୁମାର ସାହୁ ଯୋଗଦେଇ ଭତ୍ତା ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପନଗରପାଳିକା ମାନିନୀ ସାହୁ, ଏନ୍‌ଏସି ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ବେହେରା ଓ ସମସ୍ତ କାଉନସିଲର ଉପସ୍ଥିତ ଥିଲେ। ସମସ୍ତ ୱାର୍ଡର ହିତାଧିକାରୀଙ୍କୁ ନୂତନ ବର୍ଦ୍ଧିତ ଭତ୍ତା ବଣ୍ଟନ କରାଯାଇଥିଲା।



ଅତିଥି ଜଣେ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରୁଛନ୍ତି।

# ଲୁଟ୍ ଅଭିଯୋଗରେ ଯୁବକ ଗିରଫ

କଣିହାଁ,୨୩।୨(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ଥାନା ପୋଲିସ ଲୁଟ୍ ଅଭିଯୋଗରେ ଶୁକ୍ରବାର ଜରଡା ଗ୍ରାମର ଲିପୁ ଗୋଛାୟତ (୨୭)ଙ୍କୁ ଗିରଫ କରିଛି। ଥାନା ଭାରପ୍ରାପ୍ତ ଅଧିକାରୀ ଅରୁଣ କୁମାର ପଣ୍ଡା କହିଛନ୍ତି, ଗତ ୨୦ ତାରିଖ ତେଲିସିଂହା ସ୍ଥିତ ପାଣିଟାଙ୍କି ଛକରେ ଏକ ଲୁଟ୍ ଘଟଣା ଘଟିଥିଲା। ଟ୍ରକ୍ ଚାଳକ ଅନିରୁଦ୍ଧ ସାହୁଙ୍କଠାରୁ ଲିପୁ ଟଙ୍କା ଲୁଟ୍ କରିଥିବା ନେଇ ଟ୍ରକ୍ ମାଲିକ କୁମାର ପ୍ରଧାନ ଅଭିଯୋଗ କରିଥିଲେ। ପୋଲିସ ନଂ. ୫୧/୨୪ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# ଲୋକାଭିମୁଖୀ ଯୋଜନାର ସୁଫଳ ପହଞ୍ଚିବା ଜରୁରୀ

## ଜିଲା ପରିଷଦ ୭ମ ସାଧାରଣ ବୈଠକ

ଢେଙ୍କାନାଳ,୨୩।୨(ରତନ ନାୟାର)

ଢେଙ୍କାନାଳ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲା ପରିଷଦର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ ଅଧକ୍ଷତା କରି କହିଲେ, ଲୋକାଭିମୁଖୀ କାର୍ଯ୍ୟକ୍ରମ ଗୁଡିକର ସୁଫଳ ଲୋକଙ୍କ ପାଖରେ ନିଶ୍ଚିତ ପହଞ୍ଚିବା ଜରୁରୀ। ବୈଠକରେ ଯୋଗଦେଇ ପରଜଙ୍ଗ ବିଧାୟକ ଡା. ନୃସିଂହ ଚରଣ ସାହୁ କହିଲେ, ଜିଲାକୁ ଅଧିକରୁ ଅଧିକ ଉନ୍ନତ କରିବା ନିମନ୍ତେ ଜିଲା ପରିଷଦର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଜିଲାରେ ପଞ୍ଚାୟତ ପ୍ରତିନିଧିମାନଙ୍କ ସହଯୋଗ ଯୋଗୁ ଗ୍ରାମାଞ୍ଚଳରେ ବିଭିନ୍ନ ଯୋଜନାର ସଫଳ ରୂପାୟନ ହୋଇପାରୁଛି। ପ୍ରଶାସନିକ ଅଧିକାରୀ ଓ ନିର୍ବାଚିତ ଲୋକ ପ୍ରତିନିଧିମାନଙ୍କ ସହଯୋଗରେ ଢେଙ୍କାନାଳ ଜିଲା ରାଜ୍ୟରେ ୧ନଂ ହୋଇପାରିବ ବୋଲି ଜିଲାପାଳ ମନୋରଞ୍ଜନ ମଲ୍ଲିକ କହିଥିଲେ।



ଜିଲା ପରିଷଦ ୭ମ ସାଧାରଣ ବୈଠକରେ ଉପସ୍ଥିତ ଜନପ୍ରତିନିଧିଙ୍କ ସହ ଅଧିକାରୀମାନେ।

ଜିଲାରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୫୩୮୧୪.୭୩ କୁଇଣ୍ଟାଲ, ଅନ୍ତ୍ୟୋଦୟ ଯୋଜନାରେ ୧୨୪୩୨.୬ କୁଇଣ୍ଟାଲ, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୭୧୫୧.୪୫ କୁଇଣ୍ଟାଲ ଚାଉଳ ଆବଣ୍ଟନ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୧୩୨୦୧ ସଚଳ ନଳକୂଅ ଥିବା ବେଳେ ୧୯୯ ପରିମଳ କୂଅ ରହିଛି। ଜିଲାରେ ୪୭୫ଟି ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ରମ ଅଛି। ଏହାଦ୍ୱାରା ୭୦୪ ଗ୍ରାମର ୬ଲକ୍ଷ ୮୫ହଜାର ୧୦୮ ଲୋକ ଉପକୃତ ହେଉଛନ୍ତି। ପ୍ରଥମରୁ ୮ ଶ୍ରେଣୀ ପର୍ଯ୍ୟନ୍ତ ୧୧୯୯ ସରକାରୀ ସ୍କୁଲରେ ପଢୁଥିବା ୧ଲକ୍ଷ ୯ହଜାର ୭୧୧ ଛାତ୍ରୀଛାତ୍ରଙ୍କୁ ଦୁଇହଳ ଲେଖାଏ ପୋଷାକ, ମୋଜା ଓ ହଳେ ଜୋତା ବିତରଣ କରାଯାଇଛି। ବିଭିନ୍ନ ସରକାରୀ ଓ ବେସରକାରୀ ସ୍କୁଲରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୩୨୦୮ଜଣ ଭିନ୍ନକ୍ଷମ ବିଦ୍ୟାର୍ଥୀଙ୍କ ନାମ ଲେଖାଯାଇଛି। ୨୦୨୩ରେ ଜିଲାରେ ୯୩ ହଜାର ହେକ୍ଟର ଜମିରେ ଧାନଚାଷ ହୋଇଥିବା ବେଳେ ୯୩ ହଜାର ହେକ୍ଟର ଜମିରେ ଅନ୍ୟ ଖାଦ୍ୟଶସ୍ୟ, ଡାଲି, ତୈଳବୀଜ, ତନ୍ତୁ ଜାତୀୟ, ପନିପରିବା, ଆଖୁ, ମସଲା ଜାତୀୟ ଫସଲ କରାଯାଇଛି। ଖାଉଟି ସାମଗ୍ରୀ ନିମନ୍ତେ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତୀକରଣ, ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ, ଚେକ୍‌ଡ୍ୟାମ୍ ନିର୍ମାଣ, ଅଙ୍ଗନୱାଡି କେନ୍ଦ୍ରର କାର୍ଯ୍ୟକାରିତା, ଶିଶୁ ଓ କିଶୋରୀମାନଙ୍କ ପୁଷ୍ଟି ସାଧାନ କାର୍ଯ୍ୟକ୍ରମ, ପାନୀୟଜଳ ଯୋଗାଣ, ନଳକୂଅ ମରାମତି, ଗମନଗମନା ଆଦି ବିଷୟରେ ଆଲୋଚନା ହୋଇଥିଲା। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଜିଲା ପରିଷଦ ଉପସଭାପତି ବିଳାସିନୀ ସେଠୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ସୁରେନ୍ଦ ହେମ୍ବ୍ରମ, ସମସ୍ତ ଜିଲା ପରିଷଦ ସଭ୍ୟାସଭ୍ୟ, ବ୍ଲକ ଅଧକ୍ଷା ଅଧକ୍ଷଙ୍କ ସମେତ ବିଭିନ୍ନ ସରକାରୀ ଅଧିକାରୀ ଯୋଗ ଦେଇଥିଲେ। ଜିଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ରାଜୀବ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

